# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**01 November - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝରରେ  ଜିନ୍ଦଲ ଓ ପୋସ୍କୋ କମ୍ପାନୀର ସହଭାଗିତାରେ ପ୍ରତିଷ୍ଠା ହେବ ଇସ୍ପାତ କାରଖାନା; ସୂଚନା ଦେଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ପର୍ଯ୍ୟଟନ ଶିଳ୍ପରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ଆସନ୍ତାକାଲିଠାରୁ ଲଣ୍ଡନ ଗସ୍ତରେ ଯିବେ ଉପମୁଖ୍ୟମନ୍ତ୍ରୀପ ପ୍ରଭାତୀ ପରିଡ଼ା

- ରେଳବାଇ ଟିକେଟ ସଂରକ୍ଷଣ ବୁକିଂ କ୍ଷେତ୍ରରେ ଆଜିଠାରୁ ଲାଗୁ ହେଲା ନୂଆ ନିୟମ

– ପୂର୍ବତଟ ରେଳବାଇ ପକ୍ଷରୁ ପାର୍ବଣ ଋତୁରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଆରମ୍ଭ ହେଲା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଏବଂ

- କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସାଗର ବିଜେ ନୀତି ଅନୁଷ୍ଠିତ

*Desk*

## ମୁଖ୍ୟମନ୍ତ୍ରୀ– ଇସ୍ପାତ କାରଖାନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ କେନ୍ଦୁଝର ଗସ୍ତ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଖୁବ୍‌ଶୀଘ୍ର କେନ୍ଦୁଝରରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ। ଏହି ଇସ୍ପାତ କାରଖାନା ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋର ମିଳିତ ଉଦ୍ୟମରେ କରାଯିବ। ଇତିମଧ୍ୟରେ ଉଭୟ କମ୍ପାନୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶା ରୋଡ୍ ସୋ’ ଅବସରରେ ଉଭୟ କମ୍ପାନୀର ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି...

**- V/O -**

*HS*

## ଉପମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତ

ରାଜ୍ୟର ପର୍ଯ୍ୟଟନ ଶିଳ୍ପରେ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସନ୍ତାକାଲିଠାରୁ ୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଗସ୍ତରେ ଯିବେ। ଗସ୍ତ କାଳରେ ଶ୍ରୀମତୀ ପରିଡ଼ା ଓଡ଼ିଶାରେ ପର୍ଯ୍ୟଟନ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅପାର

ସମ୍ଭାବନାକୁ ଦୃଷ୍ଟିରେ ରଖି ଏଥିପ୍ରତି ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନେଇ ଉପମୁଖ୍ୟମନ୍ତ୍ରୀ ଏହି ଗସ୍ତ କରୁଥିବା ଜଣାପଡ଼ିଛି ।

*Desk*

## ରେଲଓ୍ୱେ ଆଡଭାନ୍ସ ଟିକଟ

ରେଳବାଇ ଟିକଟ ସଂରକ୍ଷଣ ବୁକିଂ କ୍ଷେତ୍ରରେ ଆଜିଠାରୁ ନୂଆ ନିୟମ ଲାଗୁ ହୋଇଛି । ନୂଆ ନିୟମ ଅନୁଯାୟୀ ଅଗ୍ରୀମ ସଂରକ୍ଷଣ ନିମନ୍ତେ ଟିକଟ ବୁକିଂ ସମୟସୀମା ୧୨୦ ଦିନରୁ ୬୦ ଦିନକୁ ହ୍ରାସ କରାଯାଇଛି । ତେବେ ଗତ ଅକ୍ଟୋବର ୩୧ ସୁଦ୍ଧା ହୋଇଥିବା ସମସ୍ତ ବୁକିଂ କାର୍ଯ୍ୟକ୍ଷମ ରହିବ । ରେଳ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୬୦ ଦିନିଆ ବୁକିଂ ଦ୍ୱାରା ଟିକଟ ଅଟକାଇ ରଖିବା ହ୍ରାସ ପାଇବ ଏବଂ ଯାତ୍ରୀମାନଙ୍କୁ ଅଧିକ ସଂଖ୍ୟାରେ ଟିକଟ ମିଳିପାରିବ । ମନ୍ତ୍ରଣାଳୟ କହିଛି ୬୧ ଦିନରୁ ୧୨୦ଦିନ ପର୍ଯ୍ୟନ୍ତ ବୁକିଂ ହେଉଥିବା ଟିକଟ ଗୁଡ଼ିକ ମଧ୍ୟରୁ ୨୧ ପ୍ରତିଶତ ବାତିଲ ହେଉଥିଲା । ଅନ୍ୟପକ୍ଷରେ ବିଦେଶୀ ପର୍ଯ୍ୟଟକଙ୍କ ଲାଗି ୩୬୫ଦିନିଆ ଅଗ୍ରୀମ ଟିକଟ ବୁକିଂ ବ୍ୟବସ୍ଥା ପୂର୍ବଭଳି ବଳବତ୍ତର ରହିବ ।

*Desk*

## ସ୍ୱତନ୍ତ୍ର ଟ୍ରେନ୍

ପୂର୍ବତଟ ରେଳବାଇ ପକ୍ଷରୁ ପାର୍ବଣ ଋତୁରେ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୨୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଦେଶର ବିଭିନ୍ନ ସ୍ଥାନକୁ ଚଳାଚଳ କରୁଛି । ଆଜି ସକାଳେ ପୁରୀରୁ ନିଜାମୁଦ୍ଦିନ, ବ୍ରହ୍ମପୁରରୁ ସୁରଟକୁ ଟ୍ରେନ୍ ଚଳାଚଳ କରିଥିବାବେଳେ

ଅପରାହ୍ଣରେ ପୁରୀରୁ କୋଲକାତା ଏବଂ ପାଟନାକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଆଜି ସନ୍ଧ୍ୟାରେ ଭୁବନେଶ୍ୱରରୁ ଧାନବାଦ ପର୍ଯ୍ୟନ୍ତ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ମିଳିଛି।

ସେହିପରି ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରୁ ଧାନବାଦ, ବିଶାଖାପାଟଣା, ବ୍ରହ୍ମପୁରରୁ ସିକନ୍ଦରାବାଦ, ପୁରୀରୁ ଭଞ୍ଜପୁର, ବାରିପଦା, ପୁରୀରୁ ପାଟଣା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନେ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମ୍ପର୍କରେ ସବିଶେଷ ତଥ୍ୟ ପୂର୍ବତଟ ରେଳବାଇ ୱେବସାଇଟ୍‌ରୁ ପାଇପାରିବେ।

***BBSR/R***

## ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା

ଭୁବନେଶ୍ୱର ଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ପ୍ରତିଷ୍ଠା ହେବ। ରାଜ୍ୟ ସରକାର ବିଧିବଦ୍ଧ ଭାବେ ପ୍ରସ୍ତାବକୁ ଅନୁମୋଦନ କରିଥିବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ସ୍ତରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ଓଡ଼ିଆ ନାଟକ ପ୍ରଦର୍ଶନ, ଏହାର ପ୍ରଚାର ଓ ପ୍ରସାର ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଭୁବନେଶ୍ୱର ଆଞ୍ଚଳିକ ଶାଖା ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି।

*HS*

# ରତ୍ନଭଣ୍ଡାର ଗଣତି

ନୂଆବର୍ଷରୁ ରତ୍ନଭଣ୍ଡାରର ଗଣତି ମଣତି ଆରମ୍ଭ ହେବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇ କହିଛନ୍ତି, ଖୁବ୍‌ଶୀଘ୍ର ଜିପିଆର ସର୍ଭେର ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବ। ରତ୍ନଭଣ୍ଡାରରେ କୌଣସି ଗୁପ୍ତ କୋଠରୀ କିମ୍ୱା ସୁଡ଼ଙ୍ଗ ନ ଥିବା ଆଇନମନ୍ତ୍ରୀ କହିଛନ୍ତି। କାର୍ତ୍ତିକ ମାସ ପରେ ଏ.ଏସ୍.ଆଇ. ପକ୍ଷରୁ ମରାମତି କାର୍ଯ୍ୟ କରାଯିବା ପରେ ରତ୍ନ ଅଳଙ୍କାର ଗଣତି କରାଯିବ ବୋଲି ସେ କହିଛନ୍ତି।

*Desk*

# ଧାନସଂଗ୍ରହ

ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଅନୁଗୁଳ ଗସ୍ତରେ ଯାଇ ମଣ୍ଡିରେ ଧାନସଂଗ୍ରହର ସୁପରିଚାଳନା ନେଇ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ୮୦ ଲକ୍ଷ ମେଟ୍ରିକ ଟନ୍ ଧାନସଂଗ୍ରହର ଲକ୍ଷ୍ୟ ରହିଛି। ଚଳିତ ବର୍ଷଠାରୁ ଧାନ କୁଇଣ୍ଟାଲ ପିଛା ୩ହଜାର ୧୦୦ ଟଙ୍କା  ହିସାବରେ ଚାଷୀମାନଙ୍କଠାରୁ କ୍ରୟ କରାଯିବ। ଜିଲ୍ଲାର କୌଣସି ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ସରକାର ନେଉଛନ୍ତି । ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି

**- V/O -**

ଆଜିର ସମୀକ୍ଷା ବୈଠକରେ ଅନୁଗୁଳ, ଛେଣ୍ଡିପଦା, ପାଲଲହଡ଼ା ବିଧାୟକ ଉପସ୍ଥିତ ଥିଲେ।

***HS***

## ନୃତ୍ୟ ପରିବେଷଣ ନିଷିଦ୍ଧ

ରାଜ୍ୟରେ ଥିବା ବାର୍ ଗୁଡ଼ିକରେ ନୃତ୍ୟ ପରିବେଷଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କେବଳ ଗୀତ ଗାଇବା ଓ ବାଜିବାକୁ ଅନୁମତି ଦିଆଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ପୂର୍ବରୁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଯଦି କେହି ଲାଇସେନ୍ସଧାରୀ ଏହାର ଉଲ୍ଲଙ୍ଘନ କରନ୍ତି ତେବେ ତାଙ୍କର ଲାଇସେନ୍ସ ବାତିଲ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଓଡ଼ିଆ ଅସ୍ମିତା ଓ ସଂସ୍କୃତି ବିରୋଧୀ କାର୍ଯ୍ୟକୁ ଓଡ଼ିଶାରେ ପ୍ରଶୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

***BHK/Ganjam/Nayagada***

## ନୟାଗଡ଼- କାଳୀପୂଜା

କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି।

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଆଜି ମହାକାଳୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଜିଲ୍ଲାର ଚରମ୍ପାଠାରେ ଅନୁଷ୍ଠିତ କାଳୀପୂଜା ମେଳାରେ ୭ଟି ବ୍ଲକ ଓ ୪ଟି ପୌରାଞ୍ଚଳର ୬୦ରୁ ଉର୍ଦ୍ଧ୍ୱ

କାଳୀମେଢ଼ ସ୍ଥାନ ପାଇଛି।  ଯାତ୍ରୀଙ୍କ ସୁବିଧା ପାଇଁ ଆଜି ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏକ ସୂଚନା କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି।

ନୟାଗଡ଼ ସହର ଏବଂ ଆଖପାଖ ଗ୍ରାମଗୁଡ଼ିକରେ ଭକ୍ତି ନିଷ୍ଠାର ସହ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଚାଲିଛି। ମଣ୍ଡପଗୁଡ଼ିକରେ ମୃଣ୍ମୟୀ ଦେବୀ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ସମାଗମ ହେଉଛି। ଚଳିତ ବର୍ଷ ନୟାଗଡ଼, ଭାପୁର, ବାରବାଟୀ, ଖେଡ଼ପଡ଼ା, ହରିପୁର ସମେତ ଜିଲ୍ଲାର ୨୩ଟି ସ୍ଥାନରେ ମୃଣ୍ମୟୀ ଦେବୀ ପୂଜା ପାଉଛନ୍ତି।

ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମାର୍କେଟ ରୋଡ୍, ମଝିବଜାର, ନୀଳକଣ୍ଠ ସାହି ଆଦି ସ୍ଥାନରେ ବଙ୍ଗୀୟ ଢଙ୍ଗରେ କାରୁକାର୍ଯ୍ୟ ଏବଂ ଆଲୋକସଜ୍ଜାରେ ଛତ୍ରପୁର ଝଲସି ଉଠିଥିଲା। ଆସନ୍ତା ମଙ୍ଗଳବାର ଦିନ ଅନ୍ନ ପ୍ରସାଦ ସହ ବୁଧବାର ଦିନ ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

***Ganjam***

## ଦୁର୍ନୀତି ନିବାରଣ ସପ୍ତାହ

ଗଞ୍ଜାମ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି। ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

*CTC*

## ଧବଳେଶ୍ୱର ବ୍ରିଜ ମରାମତି

ଶୈବପୀଠ ଧବଳଶ୍ୱେରକୁ ସଂଯୋଗ କରୁଥିବା ଝୁଲାସେତୁର ମରାମତି ଓ ପୁନଃ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାର ୨୯ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟବରାଦ କରି କାର୍ଯ୍ୟାଦେଶ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇ ବର୍ଷ ତଳେ ଯାନ୍ତ୍ରିକ ତ୍ରୁଟି ପାଇଁ ଏହା ଗମନାଗମନ ଦୃଷ୍ଟିରୁ ଝୁଲାସେତୁ ନିରାପଦ ନୁହେଁ ଦର୍ଶାଇ ଜିଲ୍ଲା ପ୍ରଶାସନ ଶ୍ରଦ୍ଧାଳୁମାନଙ୍କ ଯାତାୟାତ ବାରଣ କରିଥିଲା।

*Nuapada*

## ଶିଶୁ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସରକାରୀ ଆଶ୍ରମ ବିଦ୍ୟାଳୟ ଚନ୍ନାବେଢ଼ାଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ଉତ୍ସବର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ।

***Puri/R***

## ପୟାଶ୍ରାଦ୍ଧ

ପୁରୀ ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ଶ୍ରୀଜିଉଙ୍କ ସାଗରବିଜେ ନୀତି ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ଅମାବାସ୍ୟା ତିଥିରେ ମହୋଦଧି ନିକଟରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ନାରାୟଣ ଠାକୁର ବିଜେ କରିବା ସହ ସେଠାରେ ବନ୍ଦାପନା ନୀତି ଶେଷ ହୋଇ ପୁର୍ନବାର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଜି ସକାଳ ଧୂପ ଓ ବାଲଧୂପ ନୀତି ପରେ ବିମାନବଡୁ ସେବକମାନେ ନାରାୟଣ ଠାକୁରଙ୍କୁ ପାଲିଙ୍କିରେ ବିଜେ କରାଇଥିଲେ। ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ରରେ ଆଜି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ସମ୍ମୁଖରେ ପୟାଶ୍ରାଦ୍ଧ ଓ ବଡ଼ବଡୁଆ ଡାକିବା ପାଇଁ ଭିଡ଼ ଜମାଇଥିବା ପରିଲକ୍ଷିତ ହୋଇଛି। ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ବଡ଼ବଡୁଆ ଡାକିବା ବିଧି ପାଳନ କରୁଛନ୍ତି।

***Kendrapara***

## କଇଁଚ ଅଣ୍ଡାଦାନ

ବିରଳ ଅଲିଭ ରିଡ୍‌ଲେ କଇଁଚଙ୍କ ସୁରକ୍ଷା ପାଇଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସହ ଋଷିକୂଲ୍ୟ, ଧାମରା ଓ ଦେବୀନଦୀ ମୁହାଣରେ ଆଜିଠାରୁ ସାତ ମାସ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଆସନ୍ତା ବର୍ଷ ମେ’ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସମୁଦ୍ର କୂଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଛଧରା,

ଯାନ୍ତ୍ରିକ ଟ୍ରଲର ଓ ନୌକା ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଗହୀରମଥାକୁ ଅଲିଭରିଡ୍ଲେ କଇଁଚମାନେ ଅଣ୍ଡା ଦେବା ପାଇଁ ଆସିଥାନ୍ତି ।

*****